# NATIONAL NEWS BULLETIN (ODIA)

**27 November- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଓଡ଼ିଶା ବିଧାନସଭାର ଶୀତକାଳୀନ ଅଧିବେଶନର ଆଜି ପ୍ରଥମ ଦିନରେ ଗୃହକୁ ସମ୍ବୋଧନ କରିବେ ରାଷ୍ଟ୍ରପତି

- ବିଶ୍ୱ ପୁଞ୍ଜି ନିବେଶକାରୀଙ୍କ ପାଇଁ ଭାରତ ମହାକାଶ କ୍ଷେତ୍ର ଆକର୍ଷଣୀୟ କେନ୍ଦ୍ର ଭାବେ ଉଭା ହୋଇଛି, କହିଲେ ପ୍ରଧାନମନ୍ତ୍ରୀ

- ନୂଆଦିଲ୍ଲୀରେ ଆଜି ଅନୁଷ୍ଠିତ ହେଉଛି ଭାରତ-ଇଣ୍ଡୋନେସିଆ ତୃତୀୟ ପ୍ରତିରକ୍ଷା ମନ୍ତ୍ରୀସ୍ତରୀୟ ବାର୍ତ୍ତାଳାପ

- ରାୟପୁରଠାରେ ଆସନ୍ତା ୨୯ରେ ସର୍ବଭାରତୀୟ ପୋଲିସ୍ ମହାନିର୍ଦ୍ଦେଶକଙ୍କ ୩ ଦିନିଆ ସମ୍ମିଳନୀରେ ଯୋଗଦେବେ ପ୍ରଧାନମନ୍ତ୍ରୀ

ଏବଂ

- ବଲୋଚିସ୍ତାନ ଅଞ୍ଚଳରୁ ପାକିସ୍ତାନ ସେନା ଦ୍ୱାରା ବଳପୂର୍ବକ ଅପହରଣ ନେଇ ଅଭିଯୋଗ କରିଛି ସେଠାକାର ମାନବାଧିକାର ସଂଗଠନ

## ପ୍ରେଜ୍-ଓଡ଼ିଶା ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସନ୍ଧ୍ୟାରେ ଓଡ଼ିଶା ବିଧାନସଭାର ଶୀତକାଳୀନ ଅଧିବେଶନର ପ୍ରଥମ ଦିନରେ ସଦସ୍ୟମାନଙ୍କୁ ଉଦ୍‌ବୋଧନ ଦେବେ । ଆଜି ସକାଳେ ଓଡ଼ିଶା ବିଧାନସଭାର ଶୀତକାଳୀନ ଅଧିବେଶନ ଆରମ୍ଭ ହୋଇଛି। ପ୍ରଥମଥର ପାଇଁ ଭାରତର ରାଷ୍ଟ୍ରପତି ଓଡ଼ିଶା ବିଧାନସଭାରେ ଉଦ୍‌ବୋଧନ

ଦେବେ । ୨ ଦିନିଆ ଓଡ଼ିଶା ଗସ୍ତରେ ଆସି ରାଷ୍ଟ୍ରପତି ବିଧାନସଭାର ୧୧ ନମ୍ବର କୋଠରୀକୁ ଗସ୍ତ କରିବେ, ଯେଉଁଠାରେ ସେ ବିଧାୟକ ଭାବେ କାର୍ଯ୍ୟ କରୁଥିଲେ । ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସେହି କୋଠରୀର ନବୀକରଣ କରାଯାଇଛଇ । ରାଷ୍ଟ୍ରପତି ମୁର୍ମୁ ମୟୂରଭଞ୍ଜର ରାଇରଙ୍ଗପୁର ବିଧାନସଭା ଆସନରୁ ୨୦୦୦ ଏବଂ ୨୦୦୪ ମସିହାରେ ଦୁଇଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ସେ ବିଜେଡ଼ି-ବିଜେପି ମେଣ୍ଟ ସରକାରରେ ପ୍ରମୁଖ ପଦବୀରେ ରହିବା ସହ ବାଣିଜ୍ୟ ଓ ପରିବହନ ରାଷ୍ଟ୍ରମନ୍ତ୍ରୀ ଏବଂ ପରେ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ।

---

## ପ୍ରେଜ୍-କେରଳ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ନୌସେନା ଦିବସ ଅବସରରେ ଡିସେମ୍ବର ୩ ତାରିଖରେ କେରଳ ଗସ୍ତ କରିବେ । ସେଠାରେ ନୌସେନା ଦିବସ ସମାରୋହରେ ରାଷ୍ଟ୍ରପତି ମୁଖ୍ୟଅତିଥି ଭାବେ ଯୋଗଦେବା ସହ ନୌସେନାର ପରିଚାଳନାଗତ ପ୍ରଦର୍ଶନୀ ନିରୀକ୍ଷଣ କରିବେ । ନୌସେନା ମୁଖ୍ୟ ଆଡମିରାଲ୍ ଦୀନେଶ କୁମାର ତ୍ରିପାଠୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ । ତିରୁଅନନ୍ତପୁରମ୍ ନିକଟ ସଙ୍ଗୁମୁଖମ୍ କୂଳରେ ଏହି କାର୍ଯ୍ୟକ୍ରମ ଆୟୋଜନ ହେବ । ପ୍ରଦର୍ଶନୀରେ ଭାରତୀୟ ନୌସେନାର ସାମର୍ଥ୍ୟ ଓ ଦୃଢ଼ତା ପ୍ରଦର୍ଶନ କରାଯିବ ।

---

## ପିଏମ୍-ସ୍କାଏ ରୁଟ୍ କ୍ୟାମ୍ପସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ବିଶ୍ୱ ପୁଞ୍ଜି ନିବେଶକାରୀଙ୍କ ପାଇଁ ଭାରତୀୟ ମହାକାଶକ୍ଷେତ୍ର ଏକ ଆକର୍ଷଣୀୟ କେନ୍ଦ୍ର ଭାବେ ଉଭା ହୋଇଛି । ଭାରତୀୟ ମହାକାଶ ଷ୍ଟାର୍ଟଅପ୍ 'ସ୍କାଏରୁଟ୍'ର ଇନ୍‌ଫିନିଟି କ୍ୟାମ୍ପସକୁ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଆଜି ଉଦ୍‌ଘାଟନ କରିବା

ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି, ଭାରତୀୟ ମହାକାଶ କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ଅନେକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ସରକାର ମହାକାଶକ୍ଷେତ୍ରରେ ନବସୃଜନ କାର୍ଯ୍ୟ ପାଇଁ ବିଦେଶୀ ପୁଞ୍ଜି ନିବେଶକାରୀଙ୍କ ପାଇଁ ଉନ୍ମୁକ୍ତ କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଆସନ୍ତା ବର୍ଷଗୁଡ଼ିକରେ ବିଶ୍ୱ ମହାକାଶ ଅର୍ଥନୀତି ଦ୍ରୁତ ବିକଶିତ ହେବ ଏବଂ ଏହା ଆମ ଦେଶର ଯୁବକମାନଙ୍କ ପାଇଁ ବିପୁଳ ନୂତନ ନିଯୁକ୍ତି ସୃଷ୍ଟି କରିପାରିବ ।

## V/O (PM-1)

ପ୍ରଧାନମନ୍ତ୍ରୀ କହିଛନ୍ତି ଗତ ୬/୭ ବର୍ଷ ମଧ୍ୟରେ ଭାରତର ମହାକାଶ କ୍ଷେତ୍ର ନୂତନ ରୂପ ନେଇଛି । ଏହାକୁ ଉନ୍ମୁକ୍ତ, ସମାବେଶୀ ଓ ନବସୃଜନ ଆଧାରିତ କରାଯାଇ ପାରିଛି । ପ୍ରଧାନନ୍ତ୍ରୀ କହିଛନ୍ତି, ଭାରତୀୟ ମହାକାଶ ଭବିଷ୍ୟତ ପାଇଁ ୩୦୦ଟି ମହାକାଶ ଷ୍ଟାର୍ଟଅପ୍ ନୂତନ ସମ୍ଭାବନା ସୃଷ୍ଟି କରିଛନ୍ତି । ଭାରତର ନୂତନ ଦୃଷ୍ଟିଭଙ୍ଗୀ, ନବସୃଜନ ଓ ଯୁବଶକ୍ତିର ସ୍କାଇରୁଟ୍ ଇନ୍‌ଫିନିଟି କ୍ୟାମ୍ପସ ଏକ ପ୍ରତିଫଳନ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ନବସୃଜନ, ଯୁବଶକ୍ତି, ସାହସିକ ପଦକ୍ଷେପ ନେବାର ସାମର୍ଥ୍ୟ ଓ ଉଦ୍ୟୋଗୀ ମନୋଭାବ ପାଇଁ ଦେଶ ଆଜି ନୂତନ ସୋପାନରେ ପହଞ୍ଚି ପାରିଛି ।

## V/O (PM-2)

ପ୍ରଧାନମନ୍ତ୍ରୀ କହିଛନ୍ତି ଦଶନ୍ଧି ଦଶନ୍ଧି ଧରି ଇସ୍ରୋ ଭାରତୀୟ ମହାକାଶ ଯାତ୍ରାକୁ ବଳ ଦେଇ ଆସିଛି । ଇସ୍ରୋ ନିଜର ବିଶ୍ୱସନୀୟତା, ସାମର୍ଥ୍ୟ ଓ ଗୁଣବତ୍ତା ଯୋଗୁଁ ବିଶ୍ୱସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ।

..............................................................

# ରାଜନାଥ-ଇଣ୍ଡିଆ ଇଣ୍ଡୋନେସିଆ

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ କହିଛନ୍ତି, ଭାରତ ଏବଂ ଇଣ୍ଡୋନେସିଆ ହଜାରେ ବର୍ଷର ପାରମ୍ପରିକ ସଂପର୍କକୁ ଉଜ୍ଜିବୀତ କରୁଛନ୍ତି । ଉଭୟ ଦେଶ ସାମୁଦ୍ରିକ ସଂପର୍କ ସହ ଐତିହାସିକ, ସାଂସ୍କୃତିକ ଏବଂ ସଭ୍ୟତାଗତ ସଂପର୍କକୁ ଦୃଢ଼ୀଭୂତ କରିବା ଲାଗି ପ୍ରତିବଦ୍ଧ । ଆଜି ନୂଆଦିଲ୍ଲୀରେ ଭାରତ ଓ ଇଣ୍ଡୋନେସିଆ  ତୃତୀୟ ପ୍ରତିରକ୍ଷାମନ୍ତ୍ରୀ ସ୍ତରୀୟ ବାର୍ତ୍ତାଳାପ ସମୟରେ ମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି, ଉଭୟ ଦେଶ ମଧ୍ୟରେ ଅନେକ ଗୁଡ଼ିଏ ବିଧିବ୍ୟବସ୍ଥା ସମାନ ରହିଛି ଏବଂ ଉଭୟ ଦେଶ ପାରମ୍ପରିକତାକୁ ଅଗ୍ରାଧିକାର ଦେଉଛନ୍ତି । ଏହି ବାର୍ତ୍ତାଳାପ ଉଭୟ ଦେଶ ମଧ୍ୟରେ ପ୍ରତିରକ୍ଷା ସଂପର୍କକୁ ଆହୁରି ଦୃଢ଼ୀଭୂତ କରିବ ବୋଲି ଶ୍ରୀ ସିଂ କହିଛନ୍ତି ।

ଏକ ବିବୃତିରେ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଉଭୟ ଦେଶର ପ୍ରତିରକ୍ଷାମନ୍ତ୍ରୀ ଆଞ୍ଚଳିକ ସୁରକ୍ଷା, ବିଶ୍ୱସ୍ତରୀୟ ସମସ୍ୟା ଏବଂ ଦ୍ୱିପାକ୍ଷିକ ପ୍ରତିରକ୍ଷା ସହଯୋଗ ଉପରେ ଆଲୋଚନା କରିବେ । ଇଣ୍ଡୋନେସିଆ ପ୍ରତିରକ୍ଷାମନ୍ତ୍ରୀ କହିଛନ୍ତି, ଉଭୟ ଦେଶ ପ୍ରତିରକ୍ଷା ଏବଂ ସହଯୋଗ କ୍ଷେତ୍ରରେ ଆହୁରି ଆଗକୁ ଯିବା ଲାଗି ରଣନୈତିକ ଭାଗିଦାରୀକୁ ସହଜ ଏବଂ ସୁଗମ କରିବା ଲାଗି ଉଦ୍ୟମ କରୁଛନ୍ତି ।

---

# ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୯ ତାରିଖରୁ ଦୁଇଦିନିଆ ଛତିଶଗଡ଼ ଗସ୍ତରେ ଯିବେ । ସେଠାରେ ସର୍ବଭାରତୀୟ ପୋଲିସ୍ ମହାନିର୍ଦ୍ଦେଶକଙ୍କ ୬୦ତମ ସଂସ୍କରଣରେ ପ୍ରଧାନମନ୍ତ୍ରୀ ଯୋଗଦେବେ । ରାୟପୁରରେ ସର୍ବଭାରତୀୟ ପୋଲିସ୍ ମହାନିର୍ଦ୍ଦେଶକଙ୍କ  ୩ ଦିନିଆ ସମ୍ମିଳନୀ ଆସନ୍ତା କାଲିଠାରୁ ଆରମ୍ଭ

ହେବ । ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଉଲ୍ଲେଖନୀୟ ସେବା ପାଇଁ କେତେଜଣ ପୋଲିସ୍ କର୍ମୀଙ୍କୁ ରାଷ୍ଟ୍ରପତି ପୋଲିସ୍ ପଦକ ପ୍ରଦାନ କରିବେ । ସମ୍ମିଳନୀରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍ ଏବଂ  ଗୃହ ରାଷ୍ଟ୍ରମନ୍ତ୍ରୀ ବନ୍ଦୀ ସଞ୍ଜୟ କୁମାର ପ୍ରମୁଖ ଯୋଗଦେବେ ।

## ପ୍ରେଜ୍-ଚାଣକ୍ୟ ଡିଫେନ୍ସ

ନୂଆଦିଲ୍ଲୀରେ ଅନୁଷ୍ଠିତ ଚାଣକ୍ୟ ପ୍ରତିରକ୍ଷା ବାର୍ତ୍ତାଳାପ-୨୦୨୫ରେ ଯୋଗ ଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭାରତୀୟ ସେନାବାହିନୀକୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ଦେଶର ସାର୍ବଭୌମତ୍ୱ ଦିଗରେ ଭାରତୀୟ ସେନା କର୍ତ୍ତବ୍ୟନିଷ୍ଠ ଭାବେ କାର୍ଯ୍ୟ କରିଚାଲିଛି । ସେ କହିଛନ୍ତି , ଆହ୍ୱାନମୂଳକ ପରିସ୍ଥିତିରେ ସେନାବାହିନୀ ଅଦମ୍ୟ ସାହସ ଏବଂ କାର୍ଯ୍ୟଦକ୍ଷତାର ପରିଚୟ ଦେଇଛି । ଅପରେସନ ସିନ୍ଦୂରକୁ ସ୍ମରଣ କରି ରାଷ୍ଟ୍ରପତି କହିଛନ୍ତି, ଆତଙ୍କବାଦ ବିରୋଧରେ ଏଭଳି ଅଭିଯାନ ଜରିଆରେ ଭାରତୀୟ ସେନା କଡ଼ା ଜବାବ ଦେଇଛି । ସାରା ବିଶ୍ୱ କେବଳ ସେନାର ସାମର୍ଥ୍ୟ ନୁହେଁ, ବରଂ ମାନବିକ ଢଙ୍ଗରେ ଗ୍ରହଣ କରାଯାଉଥିବା ପଦକ୍ଷେପ ପାଇଁ ଭାରତୀୟ ସେନାକୁ ପ୍ରଶଂସା କରୁଛି । ଦେଶର ବିକାଶରେ ପ୍ରତିରକ୍ଷା ବଳର ପ୍ରମୁଖ ଭୂମିକା ରହିଛି ଏବଂ ଏହାର ପରିଚାଳନାଗତ ଭୂମିକା ସାବ୍ୟସ୍ତ କରାଯାଇ ପାରୁଛି ସୀମାବର୍ତ୍ତୀ ଅଞ୍ଚଳଗୁଡ଼ିକରେ ଭିତ୍ତିଭୂମିର ବିକାଶ ସହ ପର୍ଯ୍ୟଟନ ଏବଂ ଶିକ୍ଷାକ୍ଷେତ୍ରରେ ମଧ୍ୟ ପ୍ରତିରକ୍ଷା ବାହିନୀର ଭୂମିକା ପ୍ରଶଂସନୀୟ ବୋଲି ରାଷ୍ଟ୍ରପତି କହିଛନ୍ତି।

## ପଞ୍ଜାବ-ଶିବରାଜ ଚୌହାନ

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ ଆଜି ପଞ୍ଜାବର ମୋଗା ଜିଲ୍ଲା ଅନ୍ତର୍ଗତ ରାନିସ୍‌କଲନ୍ ଗ୍ରାମ ପରିଦର୍ଶନ କରିଛନ୍ତି । ସେଠାକାର କୃଷକମାନେ ଗତ ୬ ବର୍ଷ ହେବ ଫସଲ ମୂଳି ଜଳାଉ ନଥିବା ଜାଣିବା ପରେ,

ଶ୍ରୀ ଚୌହାନ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ଏହି କାର୍ଯ୍ୟକୁ ସାରା ଦେଶ ଜାଣିବା ଉଚିତ ଏବଂ ସେହିଭଳି କାର୍ଯ୍ୟ କରିବା ଉଚିତ । ଶ୍ରୀ ଚୌହାନଙ୍କ ସହ ଭାରତୀୟ କୃଷି ଗବେଷଣା ପରିଷଦର ମହାନିର୍ଦ୍ଦେଶକ ଡକ୍ଟର ଏମ୍.ଏଲ୍. ଜଟ୍ ସେହି ଅଞ୍ଚଳ ପରିଦର୍ଶନ କରି ଧାନଚାଷରେ କିଭଳି ଅଳ୍ପ ପରିମାଣର ଜଳ ବ୍ୟବହାର କରାଯିବ ସେ ନେଇ ଚାଷୀମାନଙ୍କୁ ସୂଚନା ଦେଇଥିଲେ । ପରେ ମନ୍ତ୍ରୀ ଶ୍ରୀ ଚୌହାନ ଜଳନ୍ଧରଠାରେ ମନରେଗା ହିତାଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ଏହି ଅବସରରେ ମନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ବିଭିନ୍ନ ଯୋଜନାର ସମୀକ୍ଷା କରିବେ । ଆଜି ସନ୍ଧ୍ୟାରେ ସେ ଜଳନ୍ଧରସ୍ଥିତ ବାଦ୍‌ଶାହପୁରରେ ଥିବା କେନ୍ଦ୍ରୀୟ ଆଳୁ ଗବେଷଣା ପ୍ରତିଷ୍ଠାନରେ କୃଷକମାନଙ୍କ ସହ ଭାବ ବିନିମୟ କରିବେ ।

## ବଲୋଚ ୟୁଥ୍ ଡିଜାପିଅରାନ୍ସ

ବଲୋଚ ଅଞ୍ଚଳରୁ ପାକିସ୍ତାନ ସେନା ଦ୍ୱାରା ବଳପୂର୍ବକ ଭାବେ ୨ ଜଣ ବ୍ୟକ୍ତିଙ୍କୁ ନିଖୋଜ କରାଯାଇଥିବା ଅଭିଯୋଗ ହୋଇଛି । ସେଠାକାର ମାନବାଧିକାର ସଂଗଠନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପାକିସ୍ତାନ ସେନା ପକ୍ଷରୁ ବଲୋଚ ଅଞ୍ଚଳରୁ ଅନେକ ଲୋକଙ୍କୁ ବଳପୂର୍ବକ ନିଆଯାଇ ପରେ ସେମାନଙ୍କୁ ନିଖୋଜ ଦର୍ଶାଯାଉଥିବା ଅଭିଯୋଗ ହୋଇଛି । ବଲୋଚ ଜାତୀୟ ଆନ୍ଦୋଳନର ମାନବାଧିକାର ଶାଖା **ପାଙ୍କ୍** ପକ୍ଷରୁ କରାଯାଇଥିବା ଅଭିଯୋଗ ମୁତାବକ କେଚ୍ ଜିଲ୍ଲାର ଜଣେ ବ୍ୟକ୍ତିଙ୍କୁ ଗତକାଲି ବଳପୂର୍ବକ ନିଆଯାଇଛି । ପ୍ରଥମେ ସଂପୃକ୍ତ ବ୍ୟକ୍ତିଙ୍କ ଘର ଉପରେ ପାକିସ୍ତାନ ସେନା ପକ୍ଷରୁ ଚଢ଼ଉ କରାଯାଇଥିଲା । ସୂଚନା ମୁତାବକ, ଏପର୍ଯ୍ୟନ୍ତ ସଂପୃକ୍ତ ବ୍ୟକ୍ତିଙ୍କ କୌଣସି ଖୋଜ୍ ଖବର ମିଳିପାରି ନାହିଁ ।

ଅନ୍ୟପକ୍ଷରେ ଚଳିତମାସ ୧୮ ତାରିଖରେ ଗଦ୍ଧାର ଜିଲ୍ଲାର ଜଣେ ବ୍ୟକ୍ତିଙ୍କୁ ପାକିସ୍ତାନ ସେନା ବଳପୂର୍ବକ ନେଇଯାଇଥିବା ଅଭିଯୋଗ ହୋଇଛି । ସଂପୃକ୍ତ ମାନବାଧିକାର ସଂଗଠନ ପକ୍ଷରୁ ଏଭଳି କାର୍ଯ୍ୟକଳାପ ନେଇ ଅନେକ ଥର ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ବଲୋଚ ସ୍ଥାନ ଅଞ୍ଚଳରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି କରିବା ଉଦ୍ଦେଶ୍ୟରେ ପାକିସ୍ତାନ ସେନା ପକ୍ଷରୁ ଅପହରଣ ଓ ନିଖୋଜ କରିବା କାର୍ଯ୍ୟକଳାପ ଜାରି ରହିଥିବା ମାନବାଧିକାର ସଂଗଠନ ଅଭିଯୋଗ କରିଛି ।

## ଇଫି-ଶାଓ୍ୱନ୍ତ

ଗୋଆର ପଣଜୀଠାରେ ଚାଲିଥିବା ୫୬ତମ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ଶାଓ୍ୱନ୍ତ ଆଜି ପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ମାତା କେ. ବୈକୁଣ୍ଠଙ୍କ ସ୍ମୃତିରେ ଏକ ଡାକଟିକଟ ଉନ୍ମୋଚନ କରିଛନ୍ତି । ଏକ ସଭାକୁ ସମ୍ବୋଧିତ କରି ଶ୍ରୀ ଶାଓ୍ୱନ୍ତ କହିଛନ୍ତି, ଭାରତୀୟ ଚଳଚ୍ଚିତ୍ରରେ କେ.ବୈକୁଣ୍ଠ ତାଙ୍କ କଳାକୃତିର ଛାପ ଛାଡ଼ିଯାଇଛନ୍ତି । ଏହି ଅବସରରେ ଶ୍ରୀ ବୈକୁଣ୍ଠଙ୍କ ଦ୍ୱାରା ୧୯୭୭ ମସିହାରେ ନିର୍ମିତ ବୃତ୍ତଚିତ୍ର **ଗୋଆ ମାଚେସ୍ ଅନ୍** ପ୍ରଦର୍ଶିତ ହୋଇଥିଲା । ପ୍ରାୟ ପାଞ୍ଚ ଦଶନ୍ଧିର ସମୟ ମଧ୍ୟରେ କେ.ବୈକୁଣ୍ଠ ୩୫ଟି ଚଳଚ୍ଚିତ୍ରରେ କାର୍ଯ୍ୟ କରିବା ସହ ଅନେକ ବିଜ୍ଞାପନ ଏବଂ ବୃତ୍ତଚିତ୍ର ନିର୍ମାଣ କରିଥିଲେ । ତାଙ୍କ ନିର୍ମିତ ଚଳଚ୍ଚିତ୍ର ଗୁଡ଼ିକ ମଧ୍ୟରେ- ମେରେ ଅପ୍‌ନେ, ବନ୍ଧନ, ମୌସମ, ରାଜ୍ ଏବଂ ପରିଚୟ ଲୋକପ୍ରିୟତା ହାସଲ କରିଥିଲା। ୨୦୦୩ ମସିହା ଫେବୃୟାରୀ ୯ ତାରିଖରେ ସେ ଇହଲୀଳା ସମ୍ବରଣ କରିଥିଲେ ।

# NATIONAL NEWS BULLETIN (ODIA)

**27 November- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଓଡ଼ିଶା ବିଧାନସଭାର ଶୀତକାଳୀନ ଅଧିବେଶନର ଆଜି ପ୍ରଥମ ଦିନରେ ଗୃହକୁ ସମ୍ବୋଧନ କରିବେ ରାଷ୍ଟ୍ରପତି
- ବିଶ୍ୱ ପୁଞ୍ଜି ନିବେଶକାରୀଙ୍କ ପାଇଁ ଭାରତ ମହାକାଶ କ୍ଷେତ୍ର ଆକର୍ଷଣୀୟ କେନ୍ଦ୍ର ଭାବେ ଉଭା ହୋଇଛି, କହିଲେ ପ୍ରଧାନମନ୍ତ୍ରୀ
- ନୂଆଦିଲ୍ଲୀରେ ଆଜି ଅନୁଷ୍ଠିତ ହେଉଛି ଭାରତ-ଇଣ୍ଡୋନେସିଆ ତୃତୀୟ ପ୍ରତିରକ୍ଷା ମନ୍ତ୍ରୀସ୍ତରୀୟ ବାର୍ତ୍ତାଳାପ
- ରାୟପୁରଠାରେ ଆସନ୍ତା ୨୯ରେ ସର୍ବଭାରତୀୟ ପୋଲିସ୍ ମହାନିର୍ଦ୍ଦେଶକଙ୍କ ୩ ଦିନିଆ ସମ୍ମିଳନୀରେ ଯୋଗଦେବେ ପ୍ରଧାନମନ୍ତ୍ରୀ

ଏବଂ

- ବଲୋଚିସ୍ତାନ ଅଞ୍ଚଳରୁ ପାକିସ୍ତାନ ସେନା ଦ୍ୱାରା ବଳପୂର୍ବକ ଅପହରଣ ନେଇ ଅଭିଯୋଗ କରିଛି ସେଠାକାର ମାନବାଧିକାର ସଂଗଠନ

## ପ୍ରେଜ୍-ଓଡ଼ିଶା ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସନ୍ଧ୍ୟାରେ ଓଡ଼ିଶା ବିଧାନସଭାର ଶୀତକାଳୀନ ଅଧିବେଶନର ପ୍ରଥମ ଦିନରେ ସଦସ୍ୟମାନଙ୍କୁ ଉଦ୍‌ବୋଧନ ଦେବେ । ଆଜି ସକାଳେ ଓଡ଼ିଶା ବିଧାନସଭାର ଶୀତକାଳୀନ ଅଧିବେଶନ ଆରମ୍ଭ ହୋଇଛି। ପ୍ରଥମଥର ପାଇଁ ଭାରତର ରାଷ୍ଟ୍ରପତି ଓଡ଼ିଶା ବିଧାନସଭାରେ ଉଦ୍‌ବୋଧନ

ଦେବେ । ୨ ଦିନିଆ ଓଡ଼ିଶା ଗସ୍ତରେ ଆସି ରାଷ୍ଟ୍ରପତି ବିଧାନସଭାର ୧୧ ନମ୍ବର କୋଠରୀକୁ ଗସ୍ତ କରିବେ , ଯେଉଁଠାରେ ସେ ବିଧାୟକ ଭାବେ କାର୍ଯ୍ୟ କରୁଥିଲେ । ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସେହି କୋଠରୀର ନବୀକରଣ କରାଯାଇଛଇ । ରାଷ୍ଟ୍ରପତି ମୁର୍ମୁ ମୟୂରଭଞ୍ଜର ରାଇରଙ୍ଗପୁର ବିଧାନସଭା ଆସନରୁ ୨୦୦୦ ଏବଂ ୨୦୦୪ ମସିହାରେ ଦୁଇଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ସେ ବିଜେଡ଼ି-ବିଜେପି ମେଣ୍ଟ ସରକାରରେ ପ୍ରମୁଖ ପଦବୀରେ ରହିବା ସହ ବାଣିଜ୍ୟ ଓ ପରିବହନ ରାଷ୍ଟ୍ରପତି ଏବଂ ପରେ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ।

---

## ପ୍ରେଜ୍-କେରଳ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ନୌସେନା ଦିବସ ଅବସରରେ ଡିସେମ୍ବର ୩ ତାରିଖରେ କେରଳ ଗସ୍ତ କରିବେ । ସେଠାରେ ନୌସେନା ଦିବସ ସମାରୋହରେ ରାଷ୍ଟ୍ରପତି ମୁଖ୍ୟଅତିଥି ଭାବେ ଯୋଗଦେବା ସହ ନୌସେନାର ପରିଚାଳନାଗତ ପ୍ରଦର୍ଶନୀ ନିରୀକ୍ଷଣ କରିବେ । ନୌସେନା ମୁଖ୍ୟ ଆଡମିରାଲ୍ ଦୀନେଶ କୁମାର ତ୍ରିପାଠୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ । ତିରୁଅନନ୍ତପୁରମ୍ ନିକଟ ସଙ୍ଗୁମୁଖମ୍ କୂଳରେ ଏହି କାର୍ଯ୍ୟକ୍ରମ ଆୟୋଜନ ହେବ । ପ୍ରଦର୍ଶନୀରେ ଭାରତୀୟ ନୌସେନାର ସାମର୍ଥ୍ୟ ଓ ଦୃଢ଼ତା ପ୍ରଦର୍ଶନ କରାଯିବ ।

---

## ପିଏମ୍-ସ୍କାଏ ରୁଟ୍ କ୍ୟାମ୍ପସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ବିଶ୍ୱ ପୁଞ୍ଜି ନିବେଶକାରୀଙ୍କ ପାଇଁ ଭାରତୀୟ ମହାକାଶକ୍ଷେତ୍ର ଏକ ଆକର୍ଷଣୀୟ କେନ୍ଦ୍ର ଭାବେ ଉଭା ହୋଇଛି । ଭାରତୀୟ ମହାକାଶ ଷ୍ଟାର୍ଟଅପ୍ 'ସ୍କାଏରୁଟ୍'ର ଇନ୍‌ଫିନିଟି କ୍ୟାମ୍ପସକୁ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଆଜି ଉଦ୍‌ଘାଟନ କରିବା

ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି, ଭାରତୀୟ ମହାକାଶ କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ଅନେକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ସରକାର ମହାକାଶକ୍ଷେତ୍ରରେ ନବସୃଜନ କାର୍ଯ୍ୟ ପାଇଁ ବିଦେଶୀ ପୁଞ୍ଜି ନିବେଶକାରୀଙ୍କ ପାଇଁ ଉନ୍ମୁକ୍ତ କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଆସନ୍ତା ବର୍ଷଗୁଡ଼ିକରେ ବିଶ୍ୱ ମହାକାଶ ଅର୍ଥନୀତି ଦ୍ରୁତ ବିକଶିତ ହେବ ଏବଂ ଏହା ଆମ ଦେଶର ଯୁବକମାନଙ୍କ ପାଇଁ ବିପୁଳ ନୂତନ ନିଯୁକ୍ତି ସୃଷ୍ଟି କରିପାରିବ ।

**V/O (PM-1)**

ପ୍ରଧାନମନ୍ତ୍ରୀ କହିଛନ୍ତି ଗତ ୬/୭ ବର୍ଷ ମଧ୍ୟରେ ଭାରତର ମହାକାଶ କ୍ଷେତ୍ର ନୂତନ ରୂପ ନେଇଛି । ଏହାକୁ ଉନ୍ମୁକ୍ତ, ସମାବେଶୀ ଓ ନବସୃଜନ ଆଧାରିତ କରାଯାଇ ପାରିଛି । ପ୍ରଧାନନ୍ତ୍ରୀ କହିଛନ୍ତି, ଭାରତୀୟ ମହାକାଶ ଭବିଷ୍ୟତ ପାଇଁ ୩୦୦ଟି ମହାକାଶ ଷ୍ଟାର୍ଟଅପ୍ ନୂତନ ସମ୍ଭାବନା ସୃଷ୍ଟି କରିଛନ୍ତି । ଭାରତର ନୂତନ ଦୃଷ୍ଟିଭଙ୍ଗୀ, ନବସୃଜନ ଓ ଯୁବଶକ୍ତିର ସ୍କାଇରୁଟ୍ ଇନ୍‌ଫିନିଟି କ୍ୟାମ୍ପସ ଏକ ପ୍ରତିଫଳନ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ନବସୃଜନ, ଯୁବଶକ୍ତି, ସାହସିକ ପଦକ୍ଷେପ ନେବାର ସାମର୍ଥ୍ୟ ଓ ଉଦ୍ୟୋଗୀ ମନୋଭାବ ପାଇଁ ଦେଶ ଆଜି ନୂତନ ସୋପାନରେ ପହଞ୍ଚି ପାରିଛି ।

**V/O (PM-2)**

ପ୍ରଧାନମନ୍ତ୍ରୀ କହିଛନ୍ତି ଦଶନ୍ଧି ଦଶନ୍ଧି ଧରି ଇସ୍ରୋ ଭାରତୀୟ ମହାକାଶ ଯାତ୍ରାକୁ ବଳ ଦେଇ ଆସିଛି । ଇସ୍ରୋ ନିଜର ବିଶ୍ୱସନୀୟତା, ସାମର୍ଥ୍ୟ ଓ ଗୁଣବତ୍ତା ଯୋଗୁଁ ବିଶ୍ୱସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ।

........................................................................

# ରାଜନାଥ-ଇଣ୍ଡିଆ ଇଣ୍ଡୋନେସିଆ

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ କହିଛନ୍ତି, ଭାରତ ଏବଂ ଇଣ୍ଡୋନେସିଆ ହଜାରେ ବର୍ଷର ପାରମ୍ପରିକ ସଂପର୍କକୁ ଉଜ୍ଜିବୀତ କରୁଛନ୍ତି । ଉଭୟ ଦେଶ ସାମୁଦ୍ରିକ ସଂପର୍କ ସହ ଐତିହାସିକ, ସାଂସ୍କୃତିକ ଏବଂ ସଭ୍ୟତାଗତ ସଂପର୍କକୁ ଦୃଢ଼ୀଭୂତ କରିବା ଲାଗି ପ୍ରତିବଦ୍ଧ । ଆଜି ନୂଆଦିଲ୍ଲୀରେ ଭାରତ ଓ ଇଣ୍ଡୋନେସିଆ  ତୃତୀୟ ପ୍ରତିରକ୍ଷାମନ୍ତ୍ରୀ ସ୍ତରୀୟ ବାର୍ତ୍ତାଳାପ ସମୟରେ ମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି, ଉଭୟ ଦେଶ ମଧ୍ୟରେ ଅନେକ ଗୁଡ଼ିଏ ବିଧିବ୍ୟବସ୍ଥା ସମାନ ରହିଛି ଏବଂ ଉଭୟ ଦେଶ ପାରମ୍ପରିକତାକୁ ଅଗ୍ରାଧିକାର ଦେଉଛନ୍ତି । ଏହି ବାର୍ତ୍ତାଳାପ ଉଭୟ ଦେଶ ମଧ୍ୟରେ ପ୍ରତିରକ୍ଷା ସଂପର୍କକୁ ଆହୁରି ଦୃଢ଼ୀଭୂତ କରିବ ବୋଲି ଶ୍ରୀ ସିଂ କହିଛନ୍ତି ।

ଏକ ବିବୃତିରେ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଉଭୟ ଦେଶର ପ୍ରତିରକ୍ଷାମନ୍ତ୍ରୀ ଆଞ୍ଚଳିକ ସୁରକ୍ଷା, ବିଶ୍ୱସ୍ତରୀୟ ସମସ୍ୟା ଏବଂ ଦ୍ୱିପାକ୍ଷିକ ପ୍ରତିରକ୍ଷା ସହଯୋଗ ଉପରେ ଆଲୋଚନା କରିବେ । ଇଣ୍ଡୋନେସିଆ ପ୍ରତିରକ୍ଷାମନ୍ତ୍ରୀ କହିଛନ୍ତି, ଉଭୟ ଦେଶ ପ୍ରତିରକ୍ଷା ଏବଂ ସହଯୋଗ କ୍ଷେତ୍ରରେ ଆହୁରି ଆଗକୁ ଯିବା ଲାଗି ରଣନୈତିକ ଭାଗିଦାରୀକୁ ସହଜ ଏବଂ ସୁଗମ କରିବା ଲାଗି ଉଦ୍ୟମ କରୁଛନ୍ତି ।

---

# ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୯ ତାରିଖରୁ ଦୁଇଦିନିଆ ଛତିଶଗଡ଼ ଗସ୍ତରେ ଯିବେ । ସେଠାରେ ସର୍ବଭାରତୀୟ ପୋଲିସ୍ ମହାନିର୍ଦ୍ଦେଶକଙ୍କ ୬୦ତମ ସଂସ୍କରଣରେ ପ୍ରଧାନମନ୍ତ୍ରୀ ଯୋଗଦେବେ । ରାୟପୁରରେ ସର୍ବଭାରତୀୟ ପୋଲିସ୍ ମହାନିର୍ଦ୍ଦେଶକଙ୍କ  ୩ ଦିନିଆ ସମ୍ମିଳନୀ ଆସନ୍ତା କାଲିଠାରୁ ଆରମ୍ଭ

ହେବ । ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଉଲ୍ଲେଖନୀୟ ସେବା ପାଇଁ କେତେଜଣ ପୋଲିସ୍ କର୍ମୀଙ୍କୁ ରାଷ୍ଟ୍ରପତି ପୋଲିସ୍ ପଦକ ପ୍ରଦାନ କରିବେ । ସମ୍ମିଳନୀରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍ ଏବଂ  ଗୃହ ରାଷ୍ଟ୍ରମନ୍ତ୍ରୀ ବନ୍ଦୀ ସଞ୍ଜୟ କୁମାର ପ୍ରମୁଖ ଯୋଗଦେବେ ।

## ପ୍ରେଜ୍-ଚାଣକ୍ୟ ଡିଫେନ୍ସ

ନୂଆଦିଲ୍ଲୀରେ ଅନୁଷ୍ଠିତ ଚାଣକ୍ୟ ପ୍ରତିରକ୍ଷା ବାର୍ତ୍ତାଳାପ-୨୦୨୫ରେ ଯୋଗ ଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭାରତୀୟ ସେନାବାହିନୀକୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ଦେଶର ସାର୍ବଭୌମତ୍ୱ ଦିଗରେ ଭାରତୀୟ ସେନା କର୍ତ୍ତବ୍ୟନିଷ୍ଠ ଭାବେ କାର୍ଯ୍ୟ କରିଚାଲିଛି । ସେ କହିଛନ୍ତି , ଆହ୍ୱାନମୂଳକ ପରିସ୍ଥିତିରେ ସେନାବାହିନୀ ଅଦମ୍ୟ ସାହସ ଏବଂ କାର୍ଯ୍ୟଦକ୍ଷତାର ପରିଚୟ ଦେଇଛି । ଅପରେସନ ସିନ୍ଦୂରକୁ ସ୍ମରଣ କରି ରାଷ୍ଟ୍ରପତି କହିଛନ୍ତି, ଆତଙ୍କବାଦ ବିରୋଧରେ ଏଭଳି ଅଭିଯାନ ଜରିଆରେ ଭାରତୀୟ ସେନା କଡ଼ା ଜବାବ ଦେଇଛି । ସାରା ବିଶ୍ୱ କେବଳ ସେନାର ସାମର୍ଥ୍ୟ ନୁହେଁ, ବରଂ ମାନବିକ ଢଙ୍ଗରେ ଗ୍ରହଣ କରାଯାଉଥିବା ପଦକ୍ଷେପ ପାଇଁ ଭାରତୀୟ ସେନାକୁ ପ୍ରଶଂସା କରୁଛି । ଦେଶର ବିକାଶରେ ପ୍ରତିରକ୍ଷା ବଳର ପ୍ରମୁଖ ଭୂମିକା ରହିଛି ଏବଂ ଏହାର ପରିଚାଳନାଗତ ଭୂମିକା ସାବ୍ୟସ୍ତ କରାଯାଇ ପାରୁଛି ସୀମାବର୍ତ୍ତୀ ଅଞ୍ଚଳଗୁଡ଼ିକରେ ଭିତ୍ତିଭୂମିର ବିକାଶ ସହ ପର୍ଯ୍ୟଟନ ଏବଂ ଶିକ୍ଷାକ୍ଷେତ୍ରରେ ମଧ୍ୟ ପ୍ରତିରକ୍ଷା ବାହିନୀର ଭୂମିକା ପ୍ରଶଂସନୀୟ ବୋଲି ରାଷ୍ଟ୍ରପତି କହିଛନ୍ତି ।

## ପଞ୍ଜାବ-ଶିବରାଜ ଚୌହାନ

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ ଆଜି ପଞ୍ଜାବର ମୋଗା ଜିଲ୍ଲା ଅନ୍ତର୍ଗତ ରାନିସ୍‌କଲନ୍ ଗ୍ରାମ ପରିଦର୍ଶନ କରିଛନ୍ତି । ସେଠାକାର କୃଷକମାନେ ଗତ ୬ ବର୍ଷ ହେବ ଫସଲ ମୂଳି ଜଳାଉ ନଥିବା ଜାଣିବା ପରେ,

ଶ୍ରୀ ଚୌହାନ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ଏହି କାର୍ଯ୍ୟକୁ ସାରା ଦେଶ ଜାଣିବା ଉଚିତ ଏବଂ ସେହିଭଳି କାର୍ଯ୍ୟ କରିବା ଉଚିତ । ଶ୍ରୀ ଚୌହାନଙ୍କ ସହ ଭାରତୀୟ କୃଷି ଗବେଷଣା ପରିଷଦର ମହାନିର୍ଦ୍ଦେଶକ ଡକ୍ଟର ଏମ୍.ଏଲ୍. ଜଟ୍ ସେହି ଅଞ୍ଚଳ ପରିଦର୍ଶନ କରି ଧାନଚାଷରେ କିଭଳି ଅଳ୍ପ ପରିମାଣର ଜଳ ବ୍ୟବହାର କରାଯିବ ସେ ନେଇ ଚାଷୀମାନଙ୍କୁ ସୂଚନା ଦେଇଥିଲେ । ପରେ ମନ୍ତ୍ରୀ ଶ୍ରୀ ଚୌହାନ ଜଳନ୍ଧରଠାରେ ମନରେଗା ହିତାଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ଏହି ଅବସରରେ ମନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ବିଭିନ୍ନ ଯୋଜନାର ସମୀକ୍ଷା କରିବେ । ଆଜି ସନ୍ଧ୍ୟାରେ ସେ ଜଳନ୍ଧରସ୍ଥିତ ବାଦ୍‌ଶାହପୁରରେ ଥିବା କେନ୍ଦ୍ରୀୟ ଆଳୁ ଗବେଷଣା ପ୍ରତିଷ୍ଠାନରେ କୃଷକମାନଙ୍କ ସହ ଭାବ ବିନିମୟ କରିବେ ।

## ବଲୋଚ ୟୁଥ୍  ଡିଜାପିଅରାନ୍ସ

ବଲୋଚ ଅଞ୍ଚଳରୁ ପାକିସ୍ତାନ ସେନା ଦ୍ୱାରା ବଳପୂର୍ବକ ଭାବେ ୨ ଜଣ ବ୍ୟକ୍ତିଙ୍କୁ ନିଖୋଜ କରାଯାଇଥିବା ଅଭିଯୋଗ ହୋଇଛି । ସେଠାକାର ମାନବାଧିକାର ସଂଗଠନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପାକିସ୍ତାନ ସେନା ପକ୍ଷରୁ ବଲୋଚ ଅଞ୍ଚଳରୁ  ଅନେକ ଲୋକଙ୍କୁ ବଳପୂର୍ବକ ନିଆଯାଇ ପରେ ସେମାନଙ୍କୁ ନିଖୋଜ ଦର୍ଶାଯାଉଥିବା ଅଭିଯୋଗ ହୋଇଛି । ବଲୋଚ ଜାତୀୟ ଆନ୍ଦୋଳନର ମାନବାଧିକାର ଶାଖା **ପାଙ୍କ୍** ପକ୍ଷରୁ କରାଯାଇଥିବା ଅଭିଯୋଗ ମୁତାବକ କେଚ୍ ଜିଲ୍ଲାର ଜଣେ ବ୍ୟକ୍ତିଙ୍କୁ ଗତକାଲି ବଳପୂର୍ବକ ନିଆଯାଇଛି । ପ୍ରଥମେ ସଂପୃକ୍ତ ବ୍ୟକ୍ତିଙ୍କ ଘର ଉପରେ ପାକିସ୍ତାନ ସେନା ପକ୍ଷରୁ ଚଢ଼ଉ କରାଯାଇଥିଲା । ସୂଚନା ମୁତାବକ, ଏପର୍ଯ୍ୟନ୍ତ ସଂପୃକ୍ତ ବ୍ୟକ୍ତିଙ୍କ କୌଣସି ଖୋଜ୍ ଖବର ମିଳିପାରି ନାହିଁ ।

ଅନ୍ୟପକ୍ଷରେ ଚଳିତମାସ ୧୮ ତାରିଖରେ ଗଦ୍ଧାର ଜିଲ୍ଲାର ଜଣେ ବ୍ୟକ୍ତିଙ୍କୁ ପାକିସ୍ତାନ ସେନା ବଳପୂର୍ବକ ନେଇଯାଇଥିବା ଅଭିଯୋଗ ହୋଇଛି । ସଂପୃକ୍ତ ମାନବାଧିକାର ସଂଗଠନ ପକ୍ଷରୁ ଏଭଳି କାର୍ଯ୍ୟକଳାପ ନେଇ ଅନେକ ଥର ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ବଲୋଚ ସ୍ଥାନ ଅଞ୍ଚଳରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି କରିବା ଉଦ୍ଦେଶ୍ୟରେ ପାକିସ୍ତାନ ସେନା ପକ୍ଷରୁ ଅପହରଣ ଓ ନିଖୋଜ କରିବା କାର୍ଯ୍ୟକଳାପ ଜାରି ରହିଥିବା ମାନବାଧିକାର ସଂଗଠନ ଅଭିଯୋଗ କରିଛି ।

## ଇଫି-ଶାଓ୍ୱନ୍ତ

ଗୋଆର ପଣଜୀଠାରେ ଚାଲିଥିବା ୫୬ତମ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ଶାଓ୍ୱନ୍ତ ଆଜି ପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ମାତା କେ. ବୈକୁଣ୍ଠଙ୍କ ସ୍ମୃତିରେ ଏକ ଡାକଟିକଟ ଉନ୍ମୋଚନ କରିଛନ୍ତି । ଏକ ସଭାକୁ ସମ୍ବୋଧିତ କରି ଶ୍ରୀ ଶାଓ୍ୱନ୍ତ କହିଛନ୍ତି, ଭାରତୀୟ ଚଳଚ୍ଚିତ୍ରରେ କେ.ବୈକୁଣ୍ଠ ତାଙ୍କ କଳାକୃତିର ଛାପ ଛାଡ଼ିଯାଇଛନ୍ତି । ଏହି ଅବସରରେ ଶ୍ରୀ ବୈକୁଣ୍ଠଙ୍କ ଦ୍ୱାରା ୧୯୭୭ ମସିହାରେ ନିର୍ମିତ ବୃତ୍ତଚିତ୍ର **ଗୋଆ ମାଚେସ୍ ଅନ୍** ପ୍ରଦର୍ଶିତ ହୋଇଥିଲା । ପ୍ରାୟ ପାଞ୍ଚ ଦଶନ୍ଧିର ସମୟ ମଧ୍ୟରେ କେ.ବୈକୁଣ୍ଠ ୩୫ଟି ଚଳଚ୍ଚିତ୍ରରେ କାର୍ଯ୍ୟ କରିବା ସହ ଅନେକ ବିଜ୍ଞାପନ ଏବଂ ବୃତ୍ତଚିତ୍ର ନିର୍ମାଣ କରିଥିଲେ । ତାଙ୍କ ନିର୍ମିତ ଚଳଚ୍ଚିତ୍ର ଗୁଡ଼ିକ ମଧ୍ୟରେ- ମେରେ ଅପ୍‌ନେ, ବନ୍ଧନ, ମୌସମ, ରାଜ୍ ଏବଂ ପରିଚୟ ଲୋକପ୍ରିୟତା ହାସଲ କରିଥିଲା। ୨୦୦୩ ମସିହା ଫେବୃୟାରୀ ୯ ତାରିଖରେ ସେ ଇହଲୀଳା ସମ୍ବରଣ କରିଥିଲେ ।